بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୭ ଜୁଲାଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର୍ କୃତଜ୍ଞତା ଜ୍ଞାପନ କରିବାର୍ ଅଭୂତପୂର୍ଣ୍ଣ ନମୁନାର୍ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ଜାଲ୍‌ଲିନ୍ ।

ତଶହ୍ହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍‌ର[ଅ.ବ] କହିଲେ; ଅଲ୍ଲାଃତାଲା ଯେତେବେଳେ ମନୁଷ୍ୟକୁ ସୃଷ୍ଟି କଲେ, ତା' ପୂର୍ବରୁ ତାହାର ହିତ ସାଧନ ନିମନ୍ତେ ଅଗଣିତ କଲ୍ୟାଣ ଓ ଆଶୀଷ ଉତ୍ପନ୍ନ କରିଦେଲେ । ସେହି ପରମ ଦୟାମୟ ଅଲ୍ଲାଃଙ୍କର ଏହି ଅନୁଗ୍ରହ ନିଶ୍ଚିତ ଭାବେ ଏହା ଆବଶ୍ୟକ କରେ ଯେ ଭକ୍ତ ତାଙ୍କର କୃତଜ୍ଞତା ଜ୍ଞାପନ କରୁ । ପ୍ରତ୍ୟେକ ନବୀ ନିଜ ଅନୁଗାମୀମାନଙ୍କୁ ଏହି ଉପଦେଶ ଦେଇଛନ୍ତି, ଯେ ପରାକ୍ରମୀ ଅଲ୍ଲାଃଙ୍କର କୃତଜ୍ଞ ଭକ୍ତ ହୋଇଯାଅ । ତେବେ ସବୁଠାରୁ ବଳି କୃତଜ୍ଞତା ଜ୍ଞାପନ କରିବାର ଦୃଷ୍ଟାନ୍ତ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଦେଖାଇଛନ୍ତି ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ସେହି ଆଦର୍ଶ, ପ୍ରାର୍ଥନା ଓ ଶୈଳୀ ବିଷୟରେ ଆଜି ମୁଁ ଆଲୋଚନା କରିବି । ଏକ ବର୍ଣ୍ଣନା ଅନୁଯାୟୀ ହୁଜୁର[ସ.ଅ] କହିଲେ; ବିଶ୍ୱାସ ଦୁଇ ଭାଗରେ ବିଭକ୍ତ । ଅଧା ଧୈର୍ଯ୍ୟରେ ଓ ଅଧା କୃତଜ୍ଞତାରେ ପର୍ଯ୍ୟବସିତ । ମହାମହିମ ହୁଜୁର ଅନୱ୍‌ର[ଅ.ବ] କହିଲେ; ଯଦି ଦେଖାଯାଏ ତେବେ ଧୈର୍ଯ୍ୟ ମଧ୍ୟ କୃତଜ୍ଞତାର ଏକ ଦିଗ । ତା'ପରେ ହୁଜୁର[ସ.ଅ] କହିଲେ; **ମୋମିନ୍** (ବିଶ୍ୱାସକାରୀ)ଙ୍କର ମାମଲା ସମ୍ପୂର୍ଣ୍ଣ କଲ୍ୟାଣକର ଏବଂ ଏହା **ମୋମିନ୍** ବ୍ୟତୀତ ଅନ୍ୟ କାହା ପାଇଁ ନୁହେଁ । ଯଦି ତାଙ୍କୁ କୌଣସି ଆନନ୍ଦ ମିଳେ ତେବେ ସେ କୃତଜ୍ଞତା ଜ୍ଞାପନ କରନ୍ତି ଓ ଏହା ତାଙ୍କ ପାଇଁ କଲ୍ୟାଣକର । ଆଉ ଯଦି ତାଙ୍କୁ କୌଣସି ଦୁଃଖ ଓ କଷ୍ଟ ପହଞ୍ଚେ ତେବେ ସେ ଧୈର୍ଯ୍ୟ ଧାରଣ କରନ୍ତି । ଏହା ବି ତାଙ୍କ ସକାଶେ ମଙ୍ଗଳମୟ ଓ ହିତକର ।

ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] କହିଲେ; **ଯିଏ ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରେ ନାହିଁ, ସେ ଈଶ୍ୱରଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରେ ନାହିଁ** । ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ସହିତ ଭକ୍ତମାନଙ୍କର ବି କୃତଜ୍ଞତା ଜ୍ଞାପନ କରିବାକୁ ମହାଭାଗ ଆଦେଶ ଦେଇଛନ୍ତି । ଯଦି ଏହାର ପାଳନ କରାଯାଏ ତେବେ ଏକ ପ୍ରକୃତ ଇସଲାମୀ ସମାଜର ସ୍ଥାପନ ହୋଇପାରିବ । ହଜରତ ନୁମାନ୍ ବିନ୍ ବଶୀର୍[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; **ଯିଏ ଅଳ୍ପରେ କୃତଜ୍ଞତା ଜ୍ଞାପନ କରେ ନାହିଁ, ସେ ଅଧିକରେ ମଧ୍ୟ କୃତଜ୍ଞ ହେବ ନାହିଁ** । ଅଲ୍ଲାଃତାଲାଙ୍କ ପୁରସ୍କାରଗୁଡ଼ିକର ଚର୍ଚ୍ଚା କରିବା ମଧ୍ୟ କୃତଜ୍ଞତା ଜ୍ଞାପନ କରିବା ଅଟେ । ପୁଣ୍ୟଶ୍ଳୋକ ଆହୁରି କହିଲେ; ଜମାଅତ (ଏକତା) ହେଉଛି **ରହ୍‌ମତ୍** (କରୁଣା) ଓ ବିଭାଜନ ଅର୍ଥାତ୍ ପାରସ୍ପରିକ ବିଚ୍ଛିନ୍ନତା ହେଉଛି **ଅଜାବ୍** (ଶାସ୍ତି) ।

ହଜରତ ଓସାମା ବିନ୍ ଜୈଦ୍[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଯାହା ପ୍ରତି କୌଣସି ଭଲ କାମ କରାଗଲା ଓ ସେ ସେହି ଉପକାରୀକୁ କହିଲା, **ଜଜାକଲ୍ଲାହୁ ଖୈରନ୍** (ଅର୍ଥାତ୍ ଅଲ୍ଲାଃତାଲା ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ) ତେବେ ସେ ପ୍ରଶଂସାର କର୍ତ୍ତବ୍ୟ ସମ୍ପାଦନ କରିଦେଲା । ଯେତେବେଳେ ଅଲ୍ଲାଃତାଲା କୌଣସି ଜାତିକୁ କଲ୍ୟାଣ ଓ ଅନୁଗ୍ରହ ପ୍ରଦାନ କରିବାକୁ ଚାହାନ୍ତି ସେତେବେଳେ ସେମାନଙ୍କ ଆୟୁ ବଢ଼ାଇ ଦିଅନ୍ତି । ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବାର ଐଶ୍ୱୀବାଣୀ କରନ୍ତି । ଅର୍ଥାତ୍ କୃତଜ୍ଞତା ଜ୍ଞାପନ କରିବାର ଶକ୍ତି ପ୍ରଦାନ କରନ୍ତି । ହୁଜୁର[ସ.ଅ] ହଜରତ ମୁଆଜ୍ ବିନ୍ ଜବଲ[ର.ଅ]ଙ୍କ ହାତ ଧରି କହିଲେ; ହେ ମୁଆଜ୍ ! ଅଲ୍ଲାଃଙ୍କ ରାଣ, ମୁଁ ତୁମକୁ ଭଲ ପାଏ । ମୁଁ ତୁମକୁ ତାଗିଦ କରୁଛି ଯେ ତୁମେ ପ୍ରତ୍ୟେକ ନମାଜ ପରେ ଏହି ଦୁଆ ପାଠ କରିବା କଦାପି ଛାଡିବ ନାହିଁ, ଯେ ହେ ଅଲ୍ଲାଃ ! ମୋତେ ତୁମର ସ୍ମରଣ, ପ୍ରଶଂସାଗାନ, କୃତଜ୍ଞତା ଜ୍ଞାପନ କରିବା ଓ ତୁମର ଉତ୍ତମ ଆରାଧନା କରିବାରେ ସାହାଯ୍ୟ କର ।

ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ମୁହମ୍ମଦ[ସ.ଅ] ସାହାବାମାନଙ୍କୁ ଏହି ଦୁଆ ଶିଖାଇଲେ, 'ହେ ଅଲ୍ଲାଃ ! ମୁଁ ପ୍ରତ୍ୟେକ କାର୍ଯ୍ୟରେ ତୁମ ଠାରୁ ଦୃଢ଼ତା ଚାହେଁ, ତୁମ ଠାରୁ ମାର୍ଗଦର୍ଶନର ପରିପକ୍ୱତା ଭିକ୍ଷା କରୁଅଛି । ତୁମ ପୁରସ୍କାରର କୃତଜ୍ଞତା ମାଗୁଛି, ସୁଚାରୁ ରୂପେ ତୁମର ଉପାସନା କରିବା ଓ ସତ କହୁଥିବା ଜିଭା ମାଗୁଛି ଏବଂ **କଲ୍‌ବେ ସଲିମ୍** (ସୁସ୍ଥ ହୃଦୟ) ଦ୍ୱାରା ତୁମର ଶରଣ ଭିକ୍ଷା କରୁଛି । ଯେଉଁ ଅନିଷ୍ଟ ବିଷୟରେ ତୁମେ ଜାଣିଛ ତାହା ଦାଉରୁ (ଆମକୁ) ରକ୍ଷା କର ଓ ଯେଉଁ କଲ୍ୟାଣ ବିଷୟରେ ତୁମେ ଅବଗତ ତାହାର ଆମକୁ ଅଧିକାରୀ କରିଦିଅ । ମୁଁ ତୁମ ସମକ୍ଷରେ କ୍ଷମା ପ୍ରାର୍ଥନା କରୁଅଛି ।'

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କୁ ପ୍ରଶ୍ନ କରାଗଲା ନମାଜରେ କେଉଁ ଦୁଆ କରିବା ସବୁଠାରୁ ଉତ୍ତମ ? ମହାଭାଗ ଉତ୍ତର ଦେଲେ, ଏହି ଦୁଆ ଯେ ହେ ଅଲ୍ଲାଃ ! ସମସ୍ତ ପ୍ରଶଂସା ତୁମରି ପାଇଁ ଉଦ୍ଦିଷ୍ଟ, ସମସ୍ତ କୃତଜ୍ଞତା ତୁମରି ସକାଶେ, ସକଳ ସାମ୍ରାଜ୍ୟ ତୁମ୍ଭର ହିଁ କର୍ତ୍ତୃତ୍ୱାଧୀନ, ସମସ୍ତ ସୃଷ୍ଟି ତୁମର ଓ ପ୍ରତ୍ୟେକ ବିଷୟ ତୁମ ଆଡ଼କୁ ହିଁ ଫେରିଯାଏ । ଆମେ ତୁମ ଠାରୁ ସବୁ ପ୍ରକାରର ମଙ୍ଗଳ କାମନା କରୁଅଛୁ । ସମସ୍ତ ଅମଙ୍ଗଳରୁ ତୁମର ହିଁ ଶରଣ ଲୋଡୁଅଛୁ ।

ତା'ପରେ ହୁଜୁର[ସ.ଅ]ଙ୍କର ଆଉ ଏକ ଦୁଆ ଏହିପରି ମିଳେ ଯେ, ହେ ମୋର ପାଳନକର୍ତ୍ତା ! ମୋତେ ସାହାଯ୍ୟ କର ଏବଂ ମୋ ବିରୋଧରେ କାହାରିକୁ ସାହାଯ୍ୟ କର ନାହିଁ । ମୋତେ ବିଜୟୀ କର ଓ ମୋ ବିରୋଧରେ କାହାକୁ ବିଜୟୀ କର ନାହିଁ । ମୋ ପାଇଁ ଉପାୟ କର ଏବଂ ମୋ ବିରୋଧରେ ଉପାୟ କର ନାହିଁ । ମୋର ମାର୍ଗଦର୍ଶନ କର ଓ ମୋ ପାଇଁ ମାର୍ଗଦର୍ଶନକୁ ସହଜ କରିଦିଅ । ଯିଏ ମୋ ପ୍ରତି ଅତ୍ୟାଚାର କଲା ତା' ବିରୋଧରେ ମୋତେ ସାହାଯ୍ୟ କର । ହେ ଅଲ୍ଲାଃ ! ମୋତେ ତୁମର କୃତଜ୍ଞ, ତୁମର ସ୍ମରଣକାରୀ, ତୁମକୁ ଭୟ କରୁଥିବା, ତୁମର ଆଜ୍ଞାକାରୀ, ତୁମର ଅତ୍ୟନ୍ତ ଅନୁଗତ ତଥା ତୁମ ଆଡ଼କୁ ଆନତ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଦିଅ । ହେ ମୋର ପାଳନକର୍ତ୍ତା ! ମୋର **ତୌବା** (ଅନୁତାପ) ସ୍ୱୀକାର କର । ମୋର ଦୁଆ ଗ୍ରହଣ କର, ମୋର ପ୍ରମାଣ ଗ୍ରହଣ କର । ମୋ ହୃଦୟକୁ ମାର୍ଗଦର୍ଶନ କର, ମୋ ଜିଭାକୁ ସତ୍ୟବାଦୀ କରିଦିଅ ଓ ମୋ ହୃଦୟରୁ କପଟତାକୁ ଦୂର କରିଦିଅ ।

ପୁନଶ୍ଚ ଆଉ ଏକ ଦୁଆ ଏପରି ରହିଛି, ହେ ଅଲ୍ଲାଃ ! ମୋତେ ଏପରି କରିଦିଅ ଯେ ମୁଁ ତୁମର ପ୍ରଚୁର କୃତଜ୍ଞତା ଜ୍ଞାପନ କରେ । ତୁମକୁ ଅଧିକରୁ ଅଧିକ ସ୍ମରଣ ଅର୍ଥାତ୍ ଗୁଣଗାନ କରେ, ତୁମ ଉପଦେଶର ଅନୁସରଣ କରେ ଏବଂ ତୁମର ଆଦେଶଗୁଡ଼ିକୁ ସଦା ମନେରଖେ ।

ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; **ଯଦି ମନୁଷ୍ୟ ଏହି ଦୁଆ ପ୍ରତିଦିନ କରେ ତେବେ ମନରେ ଖରାପ ଭାବନା ସୃଷ୍ଟି ହେବ ନାହିଁ । ଆଉ ସେ ଅସତ୍ କାର୍ଯ୍ୟ ବି ନିବୃତ୍ତ ରହିବ ।** ଦେଖ ହୁଜୁର[ସ.ଅ]ଙ୍କ ନିଷ୍ପାପର ସହଚରମାନେ ବର୍ଷାର ପ୍ରଥମ ବୁନ୍ଦାକୁ ନିଜ ମୁଣ୍ଡ ଉପରେ ନେଉଥିଲେ ଓ ହୁଜୁର[ସ.ଅ] କହୁଥିଲେ, ଏହା ଆମର ସର୍ବୋଚ୍ଚ ଓ ମହାନ ପ୍ରଭୁଙ୍କ ନିକଟରୁ ଏକ ନୂତନ ପୁରସ୍କାର ଆସିଛି । ଏହିପରି ବର୍ଷା ହେଲେ ତାହାର କୃତଜ୍ଞତା ଜ୍ଞାପନ କରୁଥିଲେ । ଏହିପରି ଶୌଚାଳୟରୁ ବାହାରକୁ ଆସିବା ପରେ ହୁଜୁର[ସ.ଅ] ଏହି ଦୁଆ କରୁଥିଲେ, ସମସ୍ତ ପ୍ରଶଂସା ସେହି ଅଲ୍ଲାଃଙ୍କ ପାଇଁ, ଯିଏ ମୋ ଠାରୁ କ୍ଷତିକାରକ ଜିନିଷ ଦୂର କରିଦେଲେ ଓ ମୋତେ ଆରୋଗ୍ୟ ପ୍ରଦାନ କଲେ ।

ପୁଣି ଯେତେବେଳେ ରାତିରେ ନିଜ ବିଛଣାରେ ଶୟନ କରିବାକୁ ଯାଉଥିଲେ ସେତେବେଳେ ଏହି ଦୁଆ କରୁଥିଲେ, ହେ ଅଲ୍ଲାଃ ! ତୁମର ନାମରେ ହିଁ ମୁଁ ମରେ ଓ ଜୀବିତ ହୁଏ । ଆଉ ଯେତେବେଳେ ଜାଗ୍ରତ ହେଉଥିଲେ, ଏହି ଦୁଆ ପାଠ କରୁଥିଲେ– ସକଳ ପ୍ରଶଂସା ଅଲ୍ଲାଃଙ୍କ ସକାଶେ ଉଦ୍ଦିଷ୍ଟ, ଯିଏ ଆମକୁ ମାରିବା (ଅର୍ଥାତ୍ ଶୁଆଇବା) ପରେ ପୁନର୍ବାର ଜୀବିତ କଲେ ଓ ତାଙ୍କରି ଆଡ଼କୁ ହିଁ ଆମକୁ ଫେରିଯିବାକୁ ହେବ ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଭୋଜନ କରିବା ସମୟରେ ସର୍ବଶକ୍ତିମାନ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କରୁଥିଲେ । ନୂଆ ପୋଷାକ ପରିଧାନ କରିବା ସମୟରେ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଥିଲେ । ତେବେ କହିବାକୁ ଗଲେ, ଏପରି  କୌଣସି ମୁହୂର୍ତ୍ତ ନଥିଲା ଯେତେବେଳେ ହୁଜୁର[ସ.ଅ] ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ ଓ ମହିମା ଗାନ କରୁ ନଥିଲେ । ଏକଦା ହୁଜୁର[ସ.ଅ]ଙ୍କ ସମ୍ମୁଖକୁ ଜଣେ ବ୍ୟକ୍ତି ଆସିଲେ, ଯାହାର ଚୁଟି ଅସଜଡା ଥିଲା, ମହାଭାଗ ତାଙ୍କୁ କହିଲେ; ଏ କ'ଣ ତୁମେ ଏପରି କୌଣସି ଜିନିଷ ପାଉ ନାହଁ, ଯାହା ଦ୍ୱାରା ନିଜ କେଶକୁ ସଜାଡ଼ି ପାରିବ ? ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦେଖିଲେ ଯିଏ ଅପରିଷ୍କାର ଓ ମଳିନ ବସ୍ତ୍ର ପିନ୍ଧି ଥିଲେ । ଏଥିରେ ହୁଜୁର[ସ.ଅ] କହିଲେ; ଏହାକୁ କ'ଣ ପାଣି ମିଳୁ ନାହିଁ, ଯଦ୍ଦ୍ୱାରା ସେ ନିଜ ବସ୍ତ୍ର ଧୋଇ ପାରିବେ ?

ପବିତ୍ର ଅବତାର କହିଲେ; ସ୍ୱର୍ଗରେ ସେହି ବ୍ୟକ୍ତି ପ୍ରବେଶ କରିବ ନାହିଁ, ଯାହା ହୃଦୟରେ କାଣିଚାଏ ବି ଅହଂକାର ଥିବ । ଏଥିରେ ଜଣେ ବ୍ୟକ୍ତି କହିଲେ, ମନୁଷ୍ୟ ପସନ୍ଦ କରେ ଯେ ତାହାର ପୋଷାକ ଭଲ ହେଉ । ତାହାର ଜୋତା ଭଲ ହେଉ । ପ୍ରତିଉତ୍ତରରେ ମହାଭାଗ କହିଲେ; ଅଲ୍ଲାଃତାଲା ସୁନ୍ଦର ଓ ସେ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି । ଦେଖ ଏଥିରେ କୌଣସି ସନ୍ଦେହ ନାହିଁ ! ଯେ ଅହଂଭାବ ହେଉଛି, ନିଜକୁ ବଡ ଭାବିବା କାରଣରୁ ସତ୍ୟକୁ ଅସ୍ୱୀକାର କରିବା ଏବଂ ଲୋକମାନଙ୍କୁ ତୁଚ୍ଛ ମନେ କରିବା ।

ବଦର୍ ଯୁଦ୍ଧ ଅବସରରେ ଅବିଶ୍ୱାସକାରୀଙ୍କ ବିନାଶ ଓ ଈଶ୍ୱରଙ୍କ ନିକଟରୁ ମିଳିଥିବା ବିଜୟ ଉପରେ ହୁଜୁର[ସ.ଅ] ଅଲ୍ଲାଃତାଲାଙ୍କର ବହୁତ କୃତଜ୍ଞତା ଜ୍ଞାପନ କଲେ । ସେହିପରି ମକ୍କା ବିଜୟ ଅବସରରେ ମଧ୍ୟ ମହାଭାଗ ଅଲ୍ଲାଃତାଲାଙ୍କର ବହୁତ କୃତଜ୍ଞତା ଜ୍ଞାପନ କରିବାର ଉଲ୍ଲେଖ ମିଳେ ଏବଂ ସେତେବେଳେ ହୁଜୁର[ସ.ଅ] ହଜରତ ଉମ୍ମେ ହାନୀ[ର.ଅ]ଙ୍କ ଘରେ ଆଠ **ରେକାତ୍ ନମାଜ୍** ପାଠ କରିଥିଲେ । **ହଜ୍ଜତୁଲ୍ ୱିଦା** (ଶେଷ ହଜ୍) ଅବସରରେ ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର ଏକ ଦୁଆର ଉଲ୍ଲେଖ ମିଳେ, ତାହା ଏହିକି ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହାନ୍ତି । ସେ ଏକ, ତାଙ୍କର କୌଣସି ଅଂଶୀଦାର ନାହିଁ । ସକଳ ସାମ୍ରାଜ୍ୟ ତାଙ୍କରି, ସମସ୍ତ ପ୍ରଶଂସା ତାଙ୍କରି ସକାଶେ ଉଦ୍ଦିଷ୍ଟ ଓ ସମସ୍ତ ବିଷୟ ତାଙ୍କ ଆୟତାଧୀନ । ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହାନ୍ତି, ସେ ନିଜ ପ୍ରତିଶୃତି ପୂରଣ କଲେ ଓ ଏକାକୀ ଶତ୍ରୁ ସେନାକୁ ପରାସ୍ତ କରି ତଡିଦେଲେ ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଦୁଇଟି ଗୁଣ ଏପରି ତାହା ଯେଉଁ ବ୍ୟକ୍ତି ଠାରେ ଥାଏ, ଅଲ୍ଲାଃତାଲା ତାହାକୁ ଧୈର୍ଯ୍ୟବାନ ଓ କୃତଜ୍ଞ ଲେଖିଦିଅନ୍ତି । **ପ୍ରଥମଟି** ହେଉଛି, ଯେଉଁ ବ୍ୟକ୍ତି ନିଜ ଧର୍ମ ମାମଲାରେ ତାହା ଠାରୁ ଉଚ୍ଚରେ ଥିବା ଲୋକଙ୍କୁ ଦେଖେ ଓ ତାହାର ଅନୁସରଣ କରେ । **ଦ୍ୱିତୀୟଟି** ହେଉଛି, ଯେଉଁ ବ୍ୟକ୍ତି ନିଜ ପାର୍ଥିବ ଅର୍ଥାତ୍ ସାଂସାରିକ ମାମଲାରେ ତାହା ଠାରୁ ନିମ୍ନରେ ଥିବା ବ୍ୟକ୍ତିକୁ ଦେଖେ ଓ ସେଥିରେ ଐଶର୍ଯ୍ୟମୟ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କରେ । ଅଧିକନ୍ତୁ ହୁଜୁର[ସ.ଅ] କହିଲେ; (ସାଂସାରିକ ପ୍ରସଙ୍ଗରେ) ନିଜ ଠାରୁ ନିମ୍ନ ସ୍ତରରେ ଥିବା ଲୋକଙ୍କୁ ଦେଖ । ସେମାନଙ୍କୁ ଦେଖ ନାହିଁ, ଯେଉଁମାନେ ତୁମ ଠାରୁ ଉଚ୍ଚ ସ୍ତରରେ ଅଛନ୍ତି । କାରଣ ଅଲ୍ଲାଃଙ୍କ ପୁରସ୍କାରକୁ ତୁମେ ତୁଚ୍ଛ ମନେ ନକରିବା ପାଇଁ ଏହା ଅଧିକ ଉପଯୁକ୍ତ ।

ଦେଖ ଚାରୋଟି ଜିନିଷ ଏପରି ଅଛି, ଯାହାକୁ ଏହା ପ୍ରଦାନ କରାଗଲା ତାହାକୁ ଇହ ଓ ପରକାଳର ସମସ୍ତ ମଙ୍ଗଳ ପ୍ରଦାନ କରାଗଲା । ସେଗୁଡ଼ିକ ହେଲା– କୃତଜ୍ଞ ହୃଦୟ, ଈଶ୍ୱରଙ୍କୁ ସ୍ମରଣକାରୀ ଜିଭା, ପରୀକ୍ଷା ସମୟରେ ଧୈର୍ଯ୍ୟ ଧାରଣ କରୁଥିବା ଶରୀର ଓ ଏପରି ପତ୍ନୀ ଯିଏ ନିଜ ସତୀତ୍ୱ ଓ ପବିତ୍ରତା ମାମଲାରେ କିମ୍ବା ସ୍ୱାମୀଙ୍କ ମାମଲାରେ ବିଶ୍ୱାସଘାତକତା କରେ ନାହିଁ । ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ପୁଣ୍ୟଶ୍ଳୋକ ନିଜର ସମସ୍ତ ସମୟରେ **ଜିକ୍‌ରେ ଇଲାହି** (ଈଶ୍ୱରଙ୍କୁ ସ୍ମରଣ) କରୁଥିଲେ । ହୁଜୁର[ସ.ଅ] ନିଜ ସମ୍ପ୍ରଦାୟ ସମ୍ମୁଖରେ କୃତଜ୍ଞତା ଜ୍ଞାପନ କରିବାର ଆଦର୍ଶ ଉପସ୍ଥାପନ କଲେ ଏବଂ ଆମକୁ କୃତଜ୍ଞ ହେବାକୁ ଉପଦେଶ ଦେଲେ ।

ଖୁତ୍‌ବାର ଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆସନ୍ତା ଶୁକ୍ରବାର ଦିନ ଠାରୁ **ଇନ୍‌ଶାଅଲ୍ଲାଃ** ଇଂଲଣ୍ଡ ଜମାଅତର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଦୁଆ କରିବେ ଅଲ୍ଲାଃତାଲା ଏହାକୁ ସବୁ ଦିଗରୁ ସଫଳ ଓ କଲ୍ୟାଣମୟ କରନ୍ତୁ ଏବଂ ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ପାଣିପାଗର ପ୍ରକୋପ ଓ ଗ୍ରୀଷ୍ମ ପ୍ରବାହ ହେତୁ କେତେକ ବିପଦ ମଧ୍ୟ ରହିଛି । ଅଲ୍ଲାଃତାଲା ପ୍ରତ୍ୟେକ ବିପତ୍ତିରୁ ସୁରକ୍ଷିତ ରଖନ୍ତୁ । ସେବାରତ ସ୍ୱେଚ୍ଛାସେବୀ ଯେଉଁମାନଙ୍କୁ କେତେକ ସମୟରେ ଖରାରେ ଛିଡ଼ା ହୋଇ ଡ୍ୟୁଟି ଦେବାକୁ ପଡେ, ଡ୍ୟୁଟି ବି କଠିନ ହୋଇଥାଏ । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଉତ୍ତମ ରୂପେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

17th July 2026

*Translated to Odia by :* Moulavi Anwar Ahmad Khan